ସମ୍ବାଦ
30 YEARS SAMBAD
ଭୁବନେଶ୍ୱର, ୧୯ ଜୁଲାଇ ୨୦୧୫

# ସ୍ଥାନାନ୍ତର ହେଲା ଅଧା ଆଇଆଇଟି

## ପ୍ରଥମ ପର୍ଯ୍ୟାୟରେ ହଷ୍ଟେଲକୁ ଗଲେ ୬୦୦ ଛାତ୍ରଛାତ୍ରୀ

## ୨୧ରୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା

ଭୁବନେଶ୍ୱର, ୧୮।୭ (ଇମିସ): ରଥଯାତ୍ରାରେ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସର ଭାଗ୍ୟ ଖୋଲିଛି। ୪ ବର୍ଷ ଧରି ଝୁଲିରହିବା ପରେ ଆଜି ଆଇଆଇଟିର ଅଧା ଛାତ୍ରଛାତ୍ରୀଙ୍କୁ ଅରୁଗୁଳସ୍ଥିତ ନୂତନ କ୍ୟାମ୍ପସକୁ ନିଆଯାଇଛି। ପୂର୍ବାହ୍ନରୁ ପର୍ଯ୍ୟାୟକ୍ରମେ ସହର ଭିତରେ ଥିବା ବିଭିନ୍ନ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ବସ୍ ଯୋଗେ ନିଆଯାଇଥିଲା। ନୂତନ କ୍ୟାମ୍ପସ୍‌ରେ ହଷ୍ଟେଲ ଏବଂ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କୁ ନିଆଯାଇଛି। ପରବର୍ତ୍ତୀ ସମୟରେ କର୍ମଚାରୀଙ୍କୁ ସ୍ଥାନାନ୍ତର କରାଯିବ। ହେଲେ ପ୍ରଶାସନିକ ଏବଂ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପୂର୍ବଭଳି ସହରରେ ଥିବା କ୍ୟାମ୍ପସ୍‌ଗୁଡ଼ିକରେ ଚାଲିବ ବୋଲି ଆଇଆଇଟି ନିର୍ଦ୍ଦେଶକ ଆର.କେ. ରାଜକୁମାର କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ୨୦ରୁ ଆଇଆଇଟିର ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଯାଉଥିବା ବେଳେ ଆଜି ୬୦୦ ଛାତ୍ରଛାତ୍ରୀଙ୍କୁ ନୂତନ କ୍ୟାମ୍ପସକୁ ନିଆଯାଇଛି। ୫ଟି ବସ୍‌ରେ ପିଲାମାନଙ୍କୁ ନୂତନ କ୍ୟାମ୍ପସକୁ ନିଆଯାଇଥିଲା। ହଷ୍ଟେଲଗୁଡ଼ିକରେ ପାଣି, ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ହୋଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇଛି। ପ୍ରତି ହଷ୍ଟେଲ ନିକଟରେ ୪ ଜଣ ଲେଖାଏଁ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ପିଲାମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ପ୍ରତି ହଷ୍ଟେଲରେ ଜଣେ ଲେଖାଏଁ ସୁପରିନ୍‌ଟେଣ୍ଡେଣ୍ଟ ନିଯୁକ୍ତ ହୋଇଛନ୍ତି। ଛାତ୍ରୀ ରହୁଥିବା ହଷ୍ଟେଲ ଉପରେ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପିଲାମାନେ ବାହାକୁ ଯିବା ସମୟରେ କ'ଣ କରିବେ ସେଥିପାଇଁ ଗାଇଡ୍‌ଲାଇନ୍ ଜାରି କରାଯାଇଥିବା ନିର୍ଦ୍ଦେଶକ ପ୍ରଫେସର ରାଜକୁମାର କହିଛନ୍ତି। ଗ୍ରୀଷ୍ମ ଛୁଟିରେ ଘରକୁ ଯାଇଥିବା ଛାତ୍ରଛାତ୍ରୀ ୨୦ରେ ଫେରିବେ। ସେମାନେ ଆସିବା ପରେ ନୂତନ କ୍ୟାମ୍ପସ୍‌ରେ ହିଁ ରହିବେ। ପାଠପଢ଼ା ପୂର୍ବଭଳି ସହରରେ ଥିବା କ୍ୟାମ୍ପସଗୁଡ଼ିକରେ ଚାଲିବ। ୨୧ ତାରିଖଠାରୁ ବି.ଟେକ୍, ଏମ୍.ଟେକ୍, ଏମ୍.ଏସ୍‌ସି, ପିଏଚ୍‌ଡି ପାଠ୍ୟକ୍ରମର ପୁରୁଣା ଛାତ୍ରଛାତ୍ରୀଙ୍କ ସମେତ ନୂତନ କରି ନାମଲେଖାଇଥିବା ଥିବା ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହେବ। ଏକ ହଜାର ଛାତ୍ରଛାତ୍ରୀଙ୍କ ରହିବା ଲାଗି ହଷ୍ଟେଲରେ ସୁବିଧା ରହିଛି। ୮୦୦ ଛାତ୍ର ଏବଂ ୨୦୦ ଛାତ୍ରୀଙ୍କ ଲାଗି ବ୍ୟବସ୍ଥା ହୋଇଛି।

ଅନ୍ୟପକ୍ଷରେ ପ୍ରଫେସର ଏବଂ ନନ୍ ଟିଚିଂ ଷ୍ଟାଫ୍‌ଙ୍କ ଲାଗି ଏହା ପରିସରରେ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କ୍ୱାର୍ଟର୍ସଗୁଡ଼ିକରେ ଅତ୍ୟାଧୁନିକ ସୁବିଧା ରହିଛି। ଖୁବ୍‌ଶୀଘ୍ର କର୍ମଚାରୀମାନଙ୍କୁ ମଧ୍ୟ ସ୍ଥାନାନ୍ତର କରାଯିବ। ତେବେ କ୍ୟାମ୍ପସ ପୂର୍ଣ୍ଣାଙ୍ଗ ହେବାକୁ ଆହୁରି ୬ ମାସରୁ ଅଧିକ ସମୟ ଲାଗିଯିବ ବୋଲି ସେ କହିଛନ୍ତି।